# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**21 December – 2025**

## ସୁପ୍ରିମକୋର୍ଟ – ଭାଷା

ଦେଶର ସବୁ ସାମ୍ବିଧାନିକ ପ୍ରତିଷ୍ଠାନ ସମ୍ବିଧାନ ଆଧାରିତ ଚିନ୍ତାଧାରା ସହିତ କାର୍ଯ୍ୟକରିବା ଉପରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଗୁରୁତ୍ୱପ୍ରଦାନ କରିଛନ୍ତି । ସେ କହିଛନ୍ତି ଏହାଦ୍ୱାରା ନ୍ୟାୟିକ ପ୍ରକ୍ରିୟା ଏବଂ କୋର୍ଟ ନିଷ୍ପତ୍ତି ନାଗରିକଙ୍କ ପାଖରେ ତାଙ୍କ ନିଜ ଭାଷାରେ ପହଞ୍ଚିପାରିବ । ଖୁବ୍‌ଶୀଘ୍ର ଦେଶରେ ଭାଷା ସମ୍ପର୍କିତ ସାମ୍ବିଧାନିକ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ୧୬ଟି ଭାଷାରେ ସୁପ୍ରିମକୋର୍ଟଙ୍କ ରାୟ ଏବେ ଅନୁବାଦିତ ହେଉଛି ବୋଲି ସେ କହିଛନ୍ତି ।

## ପ୍ରଦୂଷଣ ପ୍ରମାଣପତ୍ର

ମୋଟରଯାନ ଆଇନ୍ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିବା ଗାଡ଼ିଗୁଡ଼ିକୁ ପେଟ୍ରୋଲ ଓ ଡିଜେଲ ପ୍ରଦାନ କରାଯିବ ନାହିଁ । ବୃଦ୍ଧି ପାଉଥିବା ବାୟୁ ପ୍ରଦୂଷଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ପରିବହନ ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ନିର୍ଦ୍ଦେଶାନାମା ଜାରି କରାଯାଇଛି । ତୈଳ ବିକ୍ରୟ କମ୍ପାନୀଗୁଡ଼ିକୁ ଏହି ନିଷ୍ପତ୍ତି କଡ଼ାକଡ଼ି ଭାବେ ପାଳନ କରିବାକୁ ବିଭାଗ ପକ୍ଷରୁ ଚିଠି ମାଧ୍ୟମରେ କୁହାଯାଇଛି ।

# ମହାନଦୀ ଜଳବିବାଦ

ମହାନଦୀ ଜଳବିବାଦ ପ୍ରାଧିକରଣର କାର୍ଯ୍ୟକାଳ ବୃଦ୍ଧି ନେଇ ଉଭୟ ଓଡ଼ିଶା ଓ ଛତିଶଗଡ ସରକାର ପ୍ରସ୍ତାବ ଆଗତ କରିବାକୁ ପ୍ରାଧିକରଣ ଅଧ୍ୟକ୍ଷ ବିଚାରପତି ବେଲା ଏମ୍ ତ୍ରିବେଦୀ ପରାମର୍ଶ ଦେଇଛନ୍ତି । ବିଚାରପତି ତ୍ରିବେଦୀଙ୍କୁ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ଗତକାଲି ଏହି ମାମଲାର ଶୁଣାଣି ଅବସରରେ ଉଭୟ ରାଜ୍ୟ ଏଥିପାଇଁ ସହମତି ପ୍ରକାଶ କରିଛନ୍ତି । ଆସନ୍ତା ଏପ୍ରିଲ ମାସ ୧୨ ତାରିଖରେ ପ୍ରାଧିକରଣର କାର୍ଯ୍ୟକାଳ ଶେଷ ହେବ । ମହାନଦୀ ଜଳବଣ୍ଟନର ଆପୋଷ ସମାଧାନ ଲକ୍ଷ୍ୟ ନେଇ ଓଡ଼ିଶା ସରକାରଙ୍କ ଭଳି ଏକ ରାଜ୍ୟସ୍ତରୀୟ କମିଟି ଗଠନ କରିବାକୁ ଛତିଶଗଡ ସରକାରଙ୍କୁ ପ୍ରାଧିକରଣ ପରାମର୍ଶ ଦେଇଥିବା ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଫେବୃୟାରୀ ୭ ତାରିଖକୁ ଧାର୍ଯ୍ୟହୋଇଛି ।

# ଜଳପ୍ରକଳ୍ପ-ନଦୀ ସାମିଲ

ଜାତୀୟ ଜଳପ୍ରକଳ୍ପରେ ରାଜ୍ୟର ଅଧିକ ନଦୀକୁ ସାମିଲ କରିବା ନେଇ ଏକ ପ୍ରସ୍ତାବ ପଠାଇବାକୁ କେନ୍ଦ୍ର ବନ୍ଦର ଜାହାଜ ଓ ଜଳପଥ ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ମନ୍ତ୍ରଣାଳୟର ସଚିବ ବିଜୟ କୁମାର ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଏନେଇ ଏକ

ଚିଠି ଲେଖିଛନ୍ତି । ରାଜ୍ୟର କିଛି ପ୍ରମୁଖ ନଦୀକୁ ଏହି ପ୍ରକଳ୍ପରେ ସାମିଲ କରାଯାଇଛି । ତେବେ ଏହି ଏଥିରେ ସାମିଲ ହେବା ନେଇ ସମ୍ଭାବନା ଥିବା ରାଜ୍ୟର ଆଉକିଛି ଜଳପଥ ସମ୍ପର୍କରେ ବିବରଣୀ ଦାଖଲ କରିବାକୁ ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ କହିଛି ।

## ପରବ-ଯୋଗାଣ ମନ୍ତ୍ରୀ

କୋରାପୁଟ କଫି ବିଶ୍ୱରେ ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛି ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । କୋରାପୁଟରେ ଚାଲିଥିବା ଜାତୀୟସ୍ତରୀୟ ଆଦିବାସୀ ଲୋକ ମହୋତ୍ସବ ପରବର ତୃତୀୟ ସଂଧ୍ୟାରେ ଗତକାଲି ଯୋଗଦେଇ ମନ୍ତ୍ରୀ ଶ୍ରୀ ପାତ୍ର ଏହା କହିଛନ୍ତି । ଏହି ଅବସରରେ ଶ୍ରୀ ପାତ୍ର ଆୟୋଜିତ ପଲ୍ଲିଶ୍ରୀ ମେଳାକୁ ପରିଦର୍ଶନ କରିଥିଲେ ।

## ଧାନକିଣା

ସମ୍ବଲପୁର ଜିଲ୍ଲାରେ ଧାନକିଣା ପ୍ରକ୍ରିୟା ସୁରୁଖୁରରେ ଚାଲିଥିବା ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି । ତୃତୀୟ ପର୍ଯ୍ୟାୟରେ ୬୦୦ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି । ସେମାନେ ଦେଢ଼ଶହ କୁଇଣ୍ଟାଲରୁ ଅଧିକ ଧାନ ବିକ୍ରି କରିବା ନେଇ ପଞ୍ଜିକରଣ କରିଛନ୍ତି । ଜିଲ୍ଲାପାଳ କହିଛନ୍ତି ଗତବର୍ଷ ତୁଳନାରେ ଚଳିତବର୍ଷ ଧାନ ବିକ୍ରିନେଇ ୪ହଜାରରୁ ଅଧିକ ଚାଷୀ ପଞ୍ଜିକରଣ କରିଛନ୍ତି ।

## ବୈଠକ

ଗଞ୍ଜାମ ଜିଲ୍ଲାରେ ବନାଗ୍ନି ପ୍ରତିହତ କରିବା ଲକ୍ଷ୍ୟନେଇ ଏକ ବୈଠକ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ୫ଟି ଯାକ ଡିଭିଜନର ପଦାଧିକାରୀ ଯୋଗଦେଇ ବନାଗ୍ନିର କାରଣ ଏବଂ ଏହାକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଗ୍ରହଣ କରାଯାଉଥିବା ପଦକ୍ଷେପ ଗୁଡ଼ିକ ଉପରେ ମତ ବିନିମୟ କରିଛନ୍ତି ।

## ଧ୍ୟାନ ଦିବସ

ମାନସିକ ଚାପ ହ୍ରାସ ଏବଂ ଅର୍ନ୍ତନିହିତ ଶାନ୍ତି ପାଇଁ ଧ୍ୟାନର ଉପକାରିତା ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ବିଶ୍ୱ ଧ୍ୟାନ ଦିବସ ପାଳନ କରାଯାଉଛି । ଗତବର୍ଷ ପ୍ରଥମଥର ପାଇଁ ଏହି ଦିବସ ପାଳିତ ହୋଇଥିଲା । ଚଳିତବର୍ଷର ବିଷୟବସ୍ତୁ ରହିଛି 'ଆଭ୍ୟନ୍ତରୀଣ ଶାନ୍ତି, ବିଶ୍ୱ ସମନ୍ୱୟ ଏବଂ ବିଶ୍ୱକୁ ସୁସ୍ଥ ରଖିବା ଲାଗି ନିଜସ୍ୱ ଉଦ୍ୟମ' । ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ଜନଜାଗରଣ କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ବିଜେପି ପକ୍ଷରୁ ଏକ ଜନଜାଗରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜଘାଟସ୍ଥିତ ଗୋଶାଳା ଛକ ଏବଂ ଧାମନଗର ବ୍ଲକ

ଧୁଷୁରିଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଗୁଡ଼ିକରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନର ଆବଶ୍ୟକତା ଉପରେ ଆଲୋକପାତ କରିଛନ୍ତି ।

## ଶିକ୍ଷା ପ୍ରଶିକ୍ଷଣ ଶିବିର

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଅଷ୍ଟମ ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷାବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ଶୋଭାଯାତ୍ରା ଏବଂ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରାଥମିକ ଚିକିତ୍ସା ସମ୍ପର୍କରେ ଶିବିରରେ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପ୍ରଦାନ କରାଯାଇଛି ।

## କୁହୁଡିଜନିତ ଦୁର୍ଘଟଣା–ମାର୍ଗଦର୍ଶିକା

ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କୁହୁଡିଜନିତ ସଡ଼କ ଦୁର୍ଘଟଣାକୁ ପ୍ରତିହତ କରିବା ଲକ୍ଷ୍ୟନେଇ ପରିବହନ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରାଯାଇଛି । ବିଶେଷକରି ସୁନ୍ଦରଗଡ଼, ଝାରସୁଗୁଡା, କଳାହାଣ୍ଡି, କନ୍ଧମାଳ, କୋରାପୁଟ ଓ ସମ୍ବଲପୁର ଆଦି ଜିଲ୍ଲାର ବିଭାଗୀୟ ଅଧିକାରୀଙ୍କୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି । କୁହୁଡ଼ି ସମୟରେ ଗାଡ଼ି ଚଳାଚଳ ନେଇ କେତେକ ସ୍ୱତନ୍ତ୍ର ନିୟମ ପାଳନ

କରିବାକୁ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ମାର୍ଗଦର୍ଶିକା ମାଧ୍ୟମରେ ଅବଗତ କରାଯାଇଛି ।

## ଜନସଚେତନତା ବୃଦ୍ଧି କାର୍ଯ୍ୟକ୍ରମ

କର୍ମକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ସମ୍ପର୍କିତ ଆଇନ୍ ଉପରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟନେଇ ଏକ କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ମହାନଗର ନିଗମ ନୂତନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇଙ୍କ ନିର୍ଦ୍ଦେଶରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କର୍ମକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ନେଇ ରହିଥିବା ଆଇନ୍‌ର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି । ଶେଷରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।